ପକ୍ଷାନ୍ତରୀୟ
22 YEARS
ସମ୍ବାଦ କାଳିକା

ବ୍ରିଟେନର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ୟୁରୋପୀୟ ସଂଘରୁ ବ୍ରିଟେନ୍ ବାହାରି ଯିବା ନେଇ ହୋଇଥିବା ଜନମତ ସଂଗ୍ରହର ଫଳାଫଳ ଦେଖିବା ପରେ ସ୍ପଷ୍ଟ ହୋଇଯାଇଛି ଯେ, ବ୍ରିଟେନର ଜନସାଧାରଣ ଏହାକୁ ସ୍ୱୀକାର କରିଛନ୍ତି ଏବଂ ଦେଶରେ ଏକ ପରିବର୍ତ୍ତନର ଆଶା କରୁଛନ୍ତି । ୟୁରୋପୀୟ ସଂଘର ଭୂଗୋଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠାରୁ ବଡ ଘଟଣା ବୋଲି କୁହାଯାଇପାରେ । ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ସଂଯୁକ୍ତ ବ୍ୟବସାୟ ଓ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ବିନା କୌଣସି ପ୍ରତିବନ୍ଧକରେ ଯିବା ଆସିବା ଏବେ ଇତିହାସ ପାଲଟିଯିବ । ଏହାର ଅର୍ଥ ହେଉଛି ଯେ, ୟୁରୋପ ସଂଘର ଅନ୍ୟ ରାଷ୍ଟ୍ରର ଲୋକ ଚାକିରି ଅନୁସନ୍ଧାନରେ ସ୍ୱାଧୀନଭାବେ ବ୍ରିଟେନକୁ ଯାଇ ପାରିବେ ନାହିଁ ଏବଂ ଠିକ୍ ସେହି ଭଳି ବ୍ରିଟେନର ଲୋକମାନେ ସ୍ୱାଧୀନଭାବେ ୟୁରୋପର ଅନ୍ୟ ରାଷ୍ଟ୍ରକୁ ଯାଇପାରିବେ ନାହିଁ । କେଉଁଠାରେ ନା କେଉଁଠାରେ ଏହି ଅଭିବ୍ୟକ୍ତିରେ ବ୍ରିଟେନ୍‌ର ଏହି ଉଦ୍ଦେଶ୍ୟ ସ୍ପଷ୍ଟ ଦେଖାଦେଇଛି ଯେ, ସେହି ରାଷ୍ଟ୍ରର ବହୁମତ ଏବେ ବ୍ରିଟେନର ସୀମାକୁ ସଂରକ୍ଷଣରେ ଦେଖିବାକୁ ଚାହୁଁଛି ।

ବ୍ରିଟେନର ଲୋକେ ଏବେ ଖୋଲାଯାଇଥିବା ସୀମାକୁ ବନ୍ଦ କରିବା ପାଇଁ ଚାହୁଁଛନ୍ତି ଓ ରୋମାନିଆ, ସ୍ପେନ୍ ପ୍ରଭୃତି ଇୟୁର ଅନ୍ୟ ରାଷ୍ଟ୍ର (ଯେଉଁଠାରେ ଆର୍ଥିକ ପରିସ୍ଥିତି ବ୍ରିଟେନ ଭଳି ନୁହେଁ)ର ଲୋକଙ୍କ ନିର୍ବିରୋଧ ଯିବା ଆସିବାକୁ ଚାହୁଁନାହାନ୍ତି । ବ୍ରିଟେନର ୟୁରୋପୀୟ ସଂଘରୁ ବାହାର ହେବା ଦ୍ୱାରା ବ୍ରିଟେନର ଅନ୍ୟ ରାଷ୍ଟ୍ର ସହିତ ରାଜନୀତିକ ସମୀକରଣ ସମ୍ପୂର୍ଣ୍ଣରୂପେ ବଦଳିବ ଓ ପୁଣି ଥରେ ବ୍ରିଟେନକୁ ଅନ୍ୟ ରାଷ୍ଟ୍ର ସହ ନୂତନ ବୁଝାମଣା କରିବାକୁ ପଡିବ । ଯାହାକି ଏତେ ସହଜ ନୁହେଁ । କିନ୍ତୁ ଏହା ସତ୍ୟ ଯେ, ଏହି ନିଷ୍ପତ୍ତି ବ୍ରିଟେନର ଲୋକମାନଙ୍କ ମଧ୍ୟରେ ଜାଗ୍ରତ ହେଉଥିବା ରାଷ୍ଟ୍ରବାଦର ଭାବନାକୁ ସ୍ପଷ୍ଟ କରିଛି । ଏଥିରୁ ସ୍ପଷ୍ଟ ଯେ, ୟୁରୋପୀୟ ରାଷ୍ଟ୍ରରେ ସଂଘବାଦର ଭାବନା ଦୁର୍ବଳ ହେବାରେ ଲାଗିଛି । ଯେତେବେଳେ ରାଷ୍ଟ୍ରବାଦର ଭାବନା ସୁଦୃଢ ହେଉଛି ସେତେବେଳେ ସଂଘବାଦ ଦୁର୍ବଳ ହେବା ସ୍ୱାଭାବିକ । ୟୁରୋପୀୟ ରାଷ୍ଟ୍ରଗୁଡିକ ସଂପ୍ରତି ଆର୍ଥିକ ପ୍ରସଙ୍ଗ ବ୍ୟତିରେକ ରାଜନୀତିକ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ବ୍ରିଟେନ ୟୁରୋପର ଅନ୍ୟ ରାଷ୍ଟ୍ରକୁ ରାସ୍ତା ଦେଖାଇଛି । ୟୁରୋପର ଅନ୍ୟ ରାଷ୍ଟ୍ର ରାଜନୀତିକ କାରଣରୁ ବ୍ରିଟେନର ଅନୁକରଣ କରି ୟୁରୋପୀୟ ସଂଘରୁ ବାହାରି ଯିବା ପାଇଁ ଦାବି କରିପାରନ୍ତି । ଏଭଳି ପରିସ୍ଥିତିରେ ଏହି ସଂଘ ଦୁର୍ବଳ ରାଷ୍ଟ୍ର ସମୂହ ହୋଇରହିଯିବ । ଏପରି ମଧ୍ୟ ହୋଇପାରେ ଯେ, ଗୋଟିଏ ୟୁରୋପର ସ୍ୱପ୍ନ ଅଧିକ ଦିନ ପର୍ଯ୍ୟନ୍ତ ସତ୍ୟ ହୋଇପାରିଲା ନାହିଁ । ବ୍ରିଟେନର ୟୁରୋପୀୟ ସଂଘଠାରୁ ପୃଥକ ହେବାର ପ୍ରଭାବ ଭାରତ ସମେତ ସମସ୍ତ ଦକ୍ଷିଣ ଏସୀୟ ରାଷ୍ଟ୍ର ଉପରେ ପଡିବ । ଭାରତୀୟ ଅର୍ଥ ବ୍ୟବସ୍ଥା ୟୁରୋପୀୟ ସଂଘ ସହ ଗଭୀରତାର ସହ ଯୋଡି ହୋଇ ରହିଛି । ବ୍ରିଟେନ ସହିତ ମଧ୍ୟ ଭାରତର ସୁଦୃଢ ସମ୍ପର୍କ ରହିଛି । ଏହି କାରଣ ଯୋଗୁ ଜନମତ ସଂଗ୍ରହର ଫଳାଫଳ ଆସିବା ପରେ ଭାରତର ଅର୍ଥ ବ୍ୟବସ୍ଥା ଉପରେ ପ୍ରଭାବ ଦେଖିବାକୁ ମିଳିଲା । ସେୟାର ବଜାରରେ ଜୋରଦାର ହ୍ରାସ ଏବଂ ଡଲାର ଓ ପାଉଣ୍ଡ ତୁଳନାରେ ଟଙ୍କାର ଅବମୂଲ୍ୟାୟନ ହୋଇଛି ।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଆଗାମୀ ଦିନରେ ଡଲାରର ଚାହିଦା ବଢିଯିବ । ତେଣୁ ନିବେଶ ମଧ୍ୟ ଆମେରିକା ଆଡକୁ ମୁହାଁଇବ । ତୈଳ ଦର ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିବ । ଅବଶ୍ୟ ତୈଳ ଦର ହ୍ରାସ ହେବ ବୋଲି ଜଣାପଡୁଛି । କିନ୍ତୁ ଏହା ସତ୍ୟ ଆଇଟି ସେକ୍ଟର ଏଥିପାଇଁ ବହୁ ପରିମାଣ କ୍ଷତିର ସମ୍ମୁଖୀନ ହେବ । କାରଣ ଆଇଟି କ୍ଷେତ୍ରର ଆୟର ସିଂହ ଭାଗ ବ୍ରିଟେନରୁ ହିଁ ଆସିଥାଏ । କହିବାକୁ ଗଲେ ବ୍ରିଟେନ ହିଁ ଭାରତ ପାଇଁ ୟୁରୋପୀୟ ରାଷ୍ଟ୍ରର ପ୍ରବେଶ ଦ୍ୱାର ଥିଲା । ବ୍ରିଟେନରେ ରହି ଭାରତୀୟ କମ୍ପାନୀ ୟୁରୋପର ଅନ୍ୟ ରାଷ୍ଟ୍ରରେ ତାର କାରବାର କରୁଥିଲା । ଏବେ ତାକୁ ସମସ୍ତ ଦେଶ ସହିତ ପୃଥକ ପୃଥକ ଚୁକ୍ତି କରିବାକୁ ହେବ । ନିଶ୍ଚିତରୂପେ ଏହା ଏକ କଠିନ କାର୍ଯ୍ୟ । ସେଠାରେ ଭାରତୀୟ କମ୍ପାନୀ ପାଇଁ ଟାକ୍ସ ଫ୍ରି ସୁବିଧା ଥିଲା । ଏବେ ଯଦି ଟିକସ ଲାଗୁ ହେବ ତେବେ କ୍ଷତି ହିଁ ହେବ । ମୋଟାମୋଟି ଭାବେ କହିବାକୁ ଗଲେ ବ୍ରିଟେନର ୟୁରୋପୀୟ ସଂଘରୁ ବାହାରି ଯିବା ଦ୍ୱାରା ଅନ୍ତରାଷ୍ଟ୍ରୀୟ ବାଣିଜ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡିବା ଥୟ । ବିଶ୍ୱ ଅର୍ଥ ବ୍ୟବସ୍ଥାର ଏକ ଅଂଶ ହୋଇଥିବାରୁ ଭାରତର ଅର୍ଥ ବ୍ୟବସ୍ଥା ଏହାର ପ୍ରଭାବରୁ ବର୍ତ୍ତି ପାରିବ ନାହିଁ । ଏହି ଜନମତ ସଂଗ୍ରହର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଧାନମନ୍ତ୍ରୀ ଡେଭିଡ୍ କେମରନ୍ ଇସ୍ତଫା ଦେବା ପାଇଁ ଘୋଷଣା କରିଛନ୍ତି । ସେ ବ୍ରିଟେନର ୟୁରୋପୀୟ ସଂଘ ସହିତ ରହିବା ସପକ୍ଷରେ ସ୍ୱର ଉତ୍ତୋଳନ କରିଆସୁଥିଲେ । ଅପରପକ୍ଷରେ ତାଙ୍କର ବିରୋଧୀ ଗୋଷ୍ଠୀର ବଡ ନେତା ଲଣ୍ଡନର ପୂର୍ବତନ ମେୟର ବୋରିସ୍ ଜନସନ୍ ଓ ୟୁନାଇଟେଡ୍ କିଙ୍ଗଡମ୍ ଇଣ୍ଡିପେଣ୍ଡେନ୍ସ ପାର୍ଟିର ନେତା ନିକ୍ ଫରାଜଙ୍କ ଅନୁଯାୟୀ ଏବେ ବ୍ରିଟେନର ୟୁରୋପୀୟ ସଂଘରୁ ବାହାରକୁ ଆସିଯିବା ଉଚିତ । ହେଲେ କେମରନ୍ କିଛି ସମୟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇ ରହିବେ । କିନ୍ତୁ ଏବେ ତାଙ୍କ ଦଳକୁ ନୂତନ ପ୍ରଧାନମନ୍ତ୍ରୀ ବାଛିବାକୁ ହେବ । ଯିଏ କି ଜନସାଧାରଣଙ୍କ ନିଷ୍ପତ୍ତି ଅନୁଯାୟୀ ନୂତନ ରୂପରେଖା ପ୍ରସ୍ତୁତ କରିବ । ବ୍ରିଟେନର ୟୁରୋପୀୟ ସଂଘରୁ ବାହାରି ଯିବାର ନିଷ୍ପତ୍ତି ପରେ ସେଠାକାର ଅର୍ଥ ବ୍ୟବସ୍ଥାରେ ହେବାକୁ ଥିବା ପରିବର୍ତ୍ତନ ଅବଶ୍ୟ କିଛି ଦିନ ପରେ ଦେଖିବାକୁ ମିଳିବ । କିନ୍ତୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଫଳାଫଳ ଆସିବାର କିଛି ମିନିଟ୍ ମଧ୍ୟରେ ବ୍ରିଟେନର ପାଉଣ୍ଡ ୯ ପ୍ରତିଶତ ହ୍ରାସ ପାଇଛି । ଏହି ସ୍ଥିତି ସମଗ୍ର ଦୁନିଆର ସେୟାର ବଜାରରେ ମଧ୍ୟ ଦେଖିବାକୁ ମିଳିଛି । ଅନେକ ଅର୍ଥନୀତିଜ୍ଞ ମନେ କରନ୍ତି ଯେ, ବ୍ରିଟେନର ୟୁରୋପୀୟ ସଂଘରୁ ବାହାରି ଯିବା ଦ୍ୱାରା ୟୁରୋପର ଅନ୍ୟ ଦେଶଗୁଡିକର କମ୍ପାନୀ ଓ ତା ସହିତ ଚାକିରି ମଧ୍ୟ ବ୍ରିଟେନରୁ ବାହାରକୁ ଚାଲିଯିବ । ଏହାର ସିଧାସଳଖ ଅର୍ଥ ହେଉଛି ଆଗାମୀ ଦିନରେ ବ୍ରିଟେନରେ ଚାକିରି କ୍ଷେତ୍ରରେ ବହୁମାତ୍ରାରେ କାଟ୍ ଦେଖିବାକୁ ମିଳିବ । ଏହାର ସାମାଜିକ ଦୁଃଷ୍ପରିଣାମ ମଧ୍ୟ ସମ୍ମୁଖକୁ ଆସିବ । ଏହା ବୁଝିବା କଠିନ ଯେ, ସମଗ୍ର ବିଶ୍ୱରେ ଆର୍ଥିକ ବିଡମ୍ବନା ଓ ମାନ୍ଦାବସ୍ଥାରେ ବ୍ରିଟେନର ଜନସାଧାରଣ ଏଭଳି ନିଷ୍ପତ୍ତି କାହିଁକି ନେଲେ । ଯାହାଦ୍ୱାରା କି ଆଗାମୀ ଦିନରେ ସେମାନଙ୍କ ଚାକିରି ଉପରେ ବିପଦ ସୃଷ୍ଟି ହେବ । ଏହା ସତ୍ୟ ଯେ, ବ୍ରିଟେନର ଏହି ନିଷ୍ପତ୍ତିର ସବୁଠାରୁ ଅଧିକ ପ୍ରଭାବ ସେଠାକାର ଜନସାଧାରଣଙ୍କୁ ଭୋଗିବାକୁ ପଡିବ । ଏହି ଫଳାଫଳ ପରେ ବ୍ରିଟେନର ଶିଳ୍ପ ଜଗତ ମଧ୍ୟ ପ୍ରଭାବିତ ହେବା ବିନା ରହିପାରିବ ନାହିଁ । ଏବେ ଦେଖିବାକୁ ରହିଲା ଯେ, ବ୍ରିଟେନର ଶିଳ୍ପ ଜଗତ କିଭଳି ଭାବେ ଆଗକୁ ଅନ୍ତରାଷ୍ଟ୍ରୀୟ ବ୍ୟବସାୟ କରୁଛି । ବ୍ରିଟେନକୁ ରପ୍ତାନୀ କରିବାରେ ଜର୍ମାନୀ ଆଗରେ ଅଛି । ଏବେ ଜର୍ମାନୀର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକର ମାଲିକ ଭୟଭୀତ ହୋଇପଡିଛନ୍ତି ଯେ, ବ୍ରିଟେନ ୟୁରୋପୀୟ ରାଷ୍ଟ୍ର ସଂଘରୁ ପୃଥକ ହେବା ଦ୍ୱାରା ସେମାନଙ୍କର କ'ଣ ହେବ ? ଅପରପକ୍ଷରେ ବ୍ରିଟେନ ତାର ଉତ୍ପାଦ ମଧ୍ୟରୁ ୧୭ ପ୍ରତିଶତ ଆମେରିକାକୁ ରପ୍ତାନୀ କରିଥାଏ । ବର୍ତ୍ତମାନ ସୁଦ୍ଧା ଏହି ରପ୍ତାନୀ ୟୁରୋପୀୟ ସଂଘର ନିୟମ ଆଧାରରେ କରାଯାଉଥିଲା ।

ୟୁରୋପୀୟ ସଂଘରୁ ବାହାରିବା ପରେ ବ୍ରିଟେନକୁ ବିଶ୍ୱବାଣିଜ୍ୟ ସଂଗଠନ ଦ୍ୱାରା ସ୍ଥାପିତ ବ୍ୟବସାୟର ନିୟମକୁ ପାଳନ କରିବାକୁ ପଡିପାରେ । ଏହା ବ୍ରିଟେନ ପାଇଁ କ୍ଷତିସାବ୍ୟସ୍ତ ହେବ । ଏହାଦ୍ୱାରା ବ୍ରିଟେନର ଅର୍ଥ ବ୍ୟବସ୍ଥାକୁ କେତେକ ନୂତନ ଚ୍ୟାଲେଞ୍ଜର ସମ୍ମୁଖୀନ କରିବାକୁ ପଡିପାରେ । ଏଭଳି ପରିସ୍ଥିତିରେ ପୁଣିଥରେ ସେହିପ୍ରସଙ୍ଗ ଦୋହରା ଯାଉଛି ଯେ, ସବୁକିଛି ଜାଣି ମଧ୍ୟ ବ୍ରିଟେନର ଲୋକମାନେ ଏଭଳି ନିଷ୍ପତ୍ତି କାହିଁକି ନେଇଛନ୍ତି । ଅର୍ଥନୀତିଜ୍ଞମାନେ ମନେ କରୁଛନ୍ତି ଯେ, ବ୍ରିଟେନ ବୋଧହୁଏ ୟୁରୋପୀୟ ସଂଘକୁ ମାନୁଥିବା ଯୁକ୍ତିର ଅନୁଚ୍ଛେଦ ୫୦ର ଦ୍ୱାହି ଦେଇ ଏହା ଉଦ୍ୟମ କରୁଯେ, ୟୁରୋପୀୟ ସଂଘରେ ନରହିଲେ ମଧ୍ୟ ପରିବର୍ତ୍ତୀ ସମୟରେ ସେ ତାର କାର୍ଯ୍ୟ ୟୁରୋପୀୟ ସଂଘର ଇକୋନୋମିକ ଆସୋସିଏସନ୍‌ର ନିୟମ ଅନୁଯାୟୀ କରିପାରିବ । କିନ୍ତୁ ଏହାସବୁ ଭବିଷ୍ୟଗର୍ଭରେ ରହିଛି । ବ୍ରିଟେନକୁ ଏବେ ୟୁରୋପୀୟ ସଂଘରୁ ପୃଥକ ହେବାର ଫଳ ମୁଖ୍ୟତଃ ଆର୍ଥିକ ପରିଣାମକୁ ଭୋଗିବା ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

ଶ୍ରୀଜଗନ୍ନାଥଙ୍କ ଅଣସର ବାସ

ଡକ୍ଟର ସର୍ବେଶ୍ୱର ସେଣ

ସର୍ବଧର୍ମ ସମନ୍ୱୟ ପୀଠ ଶ୍ରୀକ୍ଷେତ୍ର । ଏଠାରେ ନାହିଁ ଭେଦଭାବ, ବଡ଼ସାନ, ଜାତି ଅଜାତି, ଧନୀ ନିର୍ଦ୍ଧନ, ଉଚ୍ଚ ନୀଚର ବାଛବିଚାର । ସର୍ବେ ଏକ ଏକାକାର । ଆନନ୍ଦ ବଜାରରେ ବ୍ରାହ୍ମଣ ହାତୁ ଚଣ୍ଡାଳ ମହାପ୍ରସାଦ ଛଡ଼ାଇ ସେବନ କରନ୍ତି । ଦାରୁବ୍ରହ୍ମଙ୍କର ଏଇତ ବିଚିତ୍ର ଲୀଳା । ସାମ୍ୟବାଦୀ ଚେତନାଟି ଏଠି ପରିସ୍ଫୁଟ । କେବଳ ସେତିକି ନୁହେଁ, ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ସେବାନୀତିରେ ମଧ୍ୟ ଆର୍ଯ୍ୟଅନାର୍ଯ୍ୟ ସଂସ୍କୃତିର ମହାମିଳନ ଘଟିଛି । ବର୍ଷଟିଏ ମଧ୍ୟରୁ ଏଗାର ମାସ ପୂଜାପଣ୍ଡା, ପତି ମହାପାତ୍ର ମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସେବା କରନ୍ତି ମାତ୍ର ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ପୂର୍ବ ରାତ୍ରିରୁ ଠାକୁରମାନଙ୍କ ନୀଳାଦ୍ରିବିଜେ ଯାଏ ଏକମାସ ସେବା ଦଇତାଙ୍କର । ସ୍ନାନପୂର୍ଣ୍ଣିମାରେ ଦିଅଁମାନଙ୍କର ପହଣ୍ଡିବିଜେ, ମହାସ୍ନାନ, ଗଜାନନ ବେଶ ଆଦି ନୀତିରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଦିନ ପ୍ରଭୁଙ୍କର ଆବିର୍ଭାବ । ଏଣୁ ସର୍ବସାଧାରଣଙ୍କ ସମ୍ମୁଖରେ ତାଙ୍କୁ ଜଳଲାଗି କରାଯାଏ । ବର୍ଷର ଅନ୍ୟ ଦିନମାନଙ୍କରେ ଠାକୁରଙ୍କ ପ୍ରତୀକ ସ୍ନାନ, କିନ୍ତୁ ଦେବସ୍ନାନ ପୂର୍ଣ୍ଣିମାରେ ସର୍ବସମ୍ମୁଖରେ ୧୦୮ ଗରା ସୁନାକୁଅ ଜଳରେ ଠାକୁରମାନେ ସ୍ନାନକରନ୍ତି । ଏହାକୁ ଦେଖନ୍ତି ଦେବଦାନବ, ନରକିନ୍ନର, ଭୂତପ୍ରେତ ସମସ୍ତେ । ଏଭଳି ଅପୂର୍ବ ସୁଯୋଗ ସୃଷ୍ଟି କରିଛନ୍ତି ସ୍ୱୟଂ ମହାପ୍ରଭୁ ଭକ୍ତମାନଙ୍କ ପାଇଁ । ଏହି ଅନନ୍ୟ ସ୍ନାନଯାତ୍ରା ପରେ ଚତୁର୍ଦ୍ଧାମୂର୍ତ୍ତି ଆଉ ବିଜେ କରନ୍ତିନି ରତ୍ନବେଦୀକୁ । ମାତ୍ରାଧିକ ସ୍ନାନଯୋଗୁଁ କମ୍ପଜ୍ୱରରେ ପୀଡ଼ିତ ହୁଅନ୍ତି । ଲୋଡ଼ା ପୂର୍ଣ୍ଣ ବିଶ୍ରାମ । ଏଣିକି ପ୍ରଭୁଙ୍କ ବିଜେ ଅନବସର/ ଅଣସର ପିଣ୍ଡିକୁ । ସମ୍ପୂର୍ଣ୍ଣ ଭାବରେ କୋଳାହଳ ଶୂନ୍ୟ, ଅନ୍ଧକାରାଚ୍ଛନ୍ନ ଅଣସର ପିଣ୍ଡି । ଏହା ମଧ୍ୟକୁ କେବଳ ଦଇତା, ପତି ମହାପାତ୍ର ସେବକ ପ୍ରବେଶ କରିବାର ନିୟମ ରହିଛି । ଶାସ୍ତ୍ରାନୁମୋଦିତ ବିଧିରେ ଜ୍ୱରପୀଡ଼ିତ ଠାକୁରମାନଙ୍କର ସେବା ଶୁଶ୍ରୁଷା କରନ୍ତି ଦଇତାମାନେ । ମହାପ୍ରଭୁଙ୍କ ଅଣସର ବାସ ପନ୍ଦର ଦିନ । ମାତ୍ର ନବକଳେବର ବର୍ଷ ଏହାର ଅବଧି ୪୫ ଦିନ । ଏହା ମହାଅଣସର ନାମେ ଅଭିହିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଣସର ଘର ନିକଟରେ ଘଣ୍ଟଘଣ୍ଟା, କାହାଳୀ ଅବା ଅନ୍ୟ କୌଣସି ବାଦ୍ୟସ୍ୱର ସମ୍ପୂର୍ଣ୍ଣ ନିଷେଧ ।

ଅଣସର ପିଣ୍ଡିର ଗଠନ ଅତି ସରଳ । କୋଠସୁଆଁସିଆ ସେବକ ମାନେ ପିଣ୍ଡି ଚାରିପଟେ ବାଉଁଶତାଟି ଭିଡ଼ିଦିଅନ୍ତି । ତାଟି ବାହାରେ ପଟି ଦିଅଁ (ବାସୁଦେବ, ଭୁବନେଶ୍ୱରୀ, ନାରାୟଣ)ଙ୍କୁ ଖଟ ଉପରେ ବିଜେ କରାଯାଏ । ଏଥି ସହିତ ମହାଯାନ ମାନେ ଦକ୍ଷିଣ ଘରୁ ସାତମୂର୍ତ୍ତି ଦେବଦେବୀ (ଦୋଳଗୋବିନ୍ଦ, ରାମ, ନୃସିଂହ ବଡ଼ବାଡ଼ରେ, ଶ୍ରୀଦେବୀ, ଭୂଦେବୀ ମଝିବାଡ଼, ମଦନ ମୋହନଙ୍କ ସହ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ବାଡ଼ରେ) ଆଣି ଖଟ ଉପରେ ବିଜେ କରାନ୍ତି । ଏ ସମସ୍ତ ଦେବାଦେବୀ ଦଶାବତାର ଭାବେ ପରିଚିତ । ତିନିପଟି ଦିଅଁଙ୍କୁ ତାଟିଦେହରେ ରୁନ୍ଧାଯାଏ । ଦଶାବତାର ଦିଅଁଙ୍କୁ ଦୈନନ୍ଦିନ ନିତି ନିୟମ ଅନୁଯାୟୀ ଭୋଗ ଲାଗି ହୁଏ । ଅନବସର ପିଣ୍ଡିରେ ଠାକୁରମାନଙ୍କ ସେବା ନୀତି ସ୍ୱତନ୍ତ୍ର । ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ଏହା ସୂଚିତ । ସ୍ୱୟଂ ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ମହାପ୍ରଭୁଙ୍କ ଅନବସର ବିଧି ସମ୍ପର୍କରେ କହନ୍ତି, ଅଣସର ଘରେ ବିଦ୍ୟାପତି ବଂଶର ସେବକମାନେ ପନ୍ଦର ଦିନ ପର୍ଯ୍ୟନ୍ତ କର୍ପୂର ମିଶ୍ରି ପଣା ବିଷ୍ଣୁଙ୍କୁ ଭୋଗଲଗାଇ ପୂଜା କରିବେ । ହେ ରାଜା ! ଯେତେ ଶ୍ରଦ୍ଧା ଓ ଭକ୍ତି ଥିଲେ ମଧ୍ୟ ଦୁଇ କାଳର ଶ୍ରୀଅଙ୍ଗର ମାଲ୍ୟ ଚନ୍ଦନାଦି ନିର୍ମାଲ୍ୟ କଦାପି ବାହାରକୁ ନେବେ ନାହିଁ । ମିଶ୍ରି ପଣାରେ କ୍ଷୀର-ସର ମିଶାଇ ପରଂବ୍ରହ୍ମଙ୍କୁ ଚିନ୍ତାକରି ସମର୍ପଣ କରିବେ । ପ୍ରକାଶ ଥାଉକି, କ୍ଷୀର-ସର ମିଶା ପଣାକୁ ପତି ମହାପାତ୍ର ଅଣସର ତାଟି ଭିତରେ ପରଂବ୍ରହ୍ମଙ୍କୁ ସମର୍ପଣ କରନ୍ତି । ଏତଦ୍ ଭିନ୍ନ ଦାରୁବ୍ରହ୍ମଙ୍କ ଅନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ଦଇତାଙ୍କର । ଏହି ନୀତିକୁ 'ଗୁପ୍ତନୀତି' କୁହାଯାଏ । ଅଣସର ଘରେ ବିଜେ ଦାରୁ ବିଗ୍ରହମାନେ 'ଅଣସରଦିଅଁ' ରୂପେ ପରିଚିତ । ଅଣସରବାସ ସମୟରେ ଦଶାବତାର ଦିଅଁଙ୍କର ବଡ଼ସିଂହାର ଭୋଗ ସହିତ ପହୁଡ଼ ମଧ୍ୟ ହୁଏ । ଏହା ପୂର୍ବରୁ ଅଣସର ଦିଅଁଙ୍କୁ ଚକଟା ଭୋଗ (ଖଇ ସହିତ ଅନ୍ୟାନ୍ୟ ଫଳମୂଳ) ଲାଗି କରାଯାଏ । ଦି'ପହର ଧୂପର ଭୋଗସାମଗ୍ରୀରେ ଧୂଆମୁଗ, ନଡ଼ିଆ ସହିତ ଆଉ କେତେକ ଦ୍ରବ୍ୟ ମିଶ୍ରିତ ଥାଏ । ପ୍ରଭୁ ଅସୁସ୍ଥ ଥିବାରୁ ଅନ୍ନ ଭୋଗ ଲାଗି କରାଯାଏ ନାହିଁ । ଅଣସର ବିଧିବିଧାନ ଶାସ୍ତ୍ରଦ୍ୱାରା ନିର୍ଦ୍ଧାରିତ । ପନ୍ଦରଦିନ ମଧ୍ୟରେ କେଉଁଦିନ କି ପ୍ରକାର ଦିଅଁଙ୍କ ସେବା ହେବ ତାହାର ତାଲିକା ରହିଛି । ଅଣସର ଦ୍ୱିତୀୟ ଦିନ ଶ୍ରୀଜୀଉଙ୍କ ସ୍ନାନ ପହଣ୍ଡି ବସ୍ତ୍ର 'ଓଲାଗି', ଚତୁର୍ଥ ଦିନ 'ଶ୍ରୀଅଙ୍ଗ ଫିଟା ନୀତି', ପଞ୍ଚମ ଦିନ 'ଫୁଲୁରି ଲାଗି', ଷଷ୍ଠରୁ ନବମୀ ଯାଏ 'ଓସୁଅ ଲାଗି', ଦଶମୀରେ 'ଚକାବିଜେ', ଏକାଦଶୀରେ 'ଚନ୍ଦନଲାଗି' ନୀତି ହୁଏ । ଏହିଦିନ ହିଁ ଘଣ୍ଟା କାହାଳୀ ଅନ୍ୟାନ୍ୟ ବାଦ୍ୟ ବାଜେ । ଦ୍ୱାଦଶୀରେ 'ରାଜପ୍ରସାଦ ନୀତି', ତ୍ରୟୋଦଶୀରେ 'ଘଣାଲାଗି' ସହିତ 'ଶ୍ରୀପୟର ପୂଜା', 'ଶ୍ରୀମୁଖ ଓଡା' ନୀତି ମଧ୍ୟ ହୁଏ । ଚତୁର୍ଦ୍ଦଶୀରେ 'ବନକଲାଗି', 'ଚକାଅବସର ନୀତି' ସମାପନ ହୁଏ । ଏହାପରେ ମହାଜନମାନେ ଦଶାବତାର ମଧ୍ୟରୁ ପାଞ୍ଚମୂର୍ତ୍ତି ଦକ୍ଷିଣ ଘରେ, ଶ୍ରୀଦେବୀ, ଭୂଦେବୀଙ୍କୁ ଖଟସେଜ ଘରେ, ତିନିପଟି ଦିଅଁଙ୍କୁ ବିମଳା ମନ୍ଦିର ନିକଟସ୍ଥ ମଣ୍ଡଣି ଘରକୁ ବିଜେ କରାନ୍ତି । ଆଷାଢ଼ ଶୁକ୍ଳ ପ୍ରତିପଦାରେ ଶ୍ରୀଜୀଉଙ୍କ ନେତ୍ରୋତ୍ସବ, ଏହିଦିନ ଠାକୁରମାନଙ୍କ ଆଖିର ରଙ୍ଗ ସମ୍ପୂର୍ଣ୍ଣ ହୁଏ । ଆଷାଢ଼ ଅମାବାସ୍ୟାଟି 'ଉଭା ଅମାବାସ୍ୟା' ନାମରେ ଖ୍ୟାତ । ଏଇଦିନ ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କ ନବଯୌବନରେ ଦର୍ଶନ ଦିଅନ୍ତି । ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଆରମ୍ଭ ହୁଏ ଘୋଷଯାତ୍ରା । ମହାପ୍ରଭୁ ରଥାରୂଢ଼ ହୋଇ ବାହାରନ୍ତି ଗୁଣ୍ଡିଚା ଘର ।

ଶ୍ରୀଜୀଉଙ୍କ ଅନବସର ବାସକୁ ନେଇ କେତେକ କିମ୍ବଦନ୍ତୀ/ ଲୋକକଥା ଲୋକମୁଖରେ ଉଜ୍ଜୀବିତ । ସାଗର ମନ୍ଥନ ବେଳେ ଜନ୍ମନେଲେ ପ୍ରଥମେ ଅଲକ୍ଷ୍ମୀ । ସୌନ୍ଦଯର୍ଯ୍ୟବତୀ ହେଲେ ମଧ୍ୟ କୁରା, ନିଷ୍ଠୁରା । ତାଙ୍କ କୋପରେ ସୃଷ୍ଟି ଲକ୍ଷ୍ମୀଛଡ଼ା ହୋଇଯିବାର ଆଶଙ୍କା ଥିଲା । ଅଲକ୍ଷ୍ମୀ ବିଷ୍ଣୁଙ୍କ ମାୟାରେ ଭୋଳ ହେଲେ । ଉଭୟେ ପହଞ୍ଚିଲେ ଘୋର ଅରଣ୍ୟରେ । ସେମାନଙ୍କ ମଧ୍ୟରେ ବିବାହ ବନ୍ଧନ ହେବାର ସ୍ଥିର ହେଲା । କପଟି ନଟନାଗର ବିଷ୍ଣୁଙ୍କ ଚକ୍ରାନ୍ତ ତ ସ୍ୱୟଂ ନାରଦ, ଶିବ, ବ୍ରହ୍ମାଙ୍କୁ ଅଗୋଚର । ଏକଥା ଅଲକ୍ଷ୍ମୀ ବା ବୁଝିବେ କେମନ୍ତେ ? ବିଷ୍ଣୁ ବିବାହ କାର୍ଯ୍ୟ ସମ